# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୩୪ (ଓଡ଼ିଆ ବୁଲେଟିନ) ସପ୍ତାହ – ୧୭ ତାରିଖ: ୨୮.୦୪.୨୦୨୬

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୨.୦୪.୨୦୨୬ ରୁ ୨୮.୦୪.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ବରଗଡ଼ | 41 | 43 | 43 | 42 | 41 | 40 | 44 | 25 | 25 | 25 | 25 | 25 | 25 | 24 | 0 | 0 | 0 | 0 | 0 | 0 | 1 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୯-୦୪-୨୦୨୬ | ୩୦-୦୪-୨୦୨୬ | ୦୧-୦୫-୨୦୨୬ | ୦୨-୦୫-୨୦୨୬ | ୦୩-୦୫-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 3 | 3 | 2 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 44 | 43 | 41 | 40 | 40 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 24 | 24 | 24 | 25 | 25 |
| ମେଘ ଆବରଣ(ଓକଟା) | 2 | 2 | 3 | 3 | 3 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 41 | 42 | 51 | 59 | 62 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 11 | 11 | 13 | 15 | 16 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 9 | 12 | 11 | 8 | 6 |
| ପବନର ଦିଗ (ଡିଗ୍ରୀ) | 216 | 209 | 239 | 200 | 191 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ ପାଗ ଶୁଷ୍କ ରହିପାରେ ଓ ତା'ପରେ କିଛିଟା ସ୍ଥାନରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ । ଏହି ସମୟ ଅବଧିରେ ଆକାଶ ଆଂଶିକ ସଫା ରୁ ଆଂଶିକ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଗୋଟେ ଦିନ ପରେ ସର୍ବାଧିକ ତାପମାତ୍ରାରେ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ମଧ୍ୟମ ରହିବା ସହିତ ୬ ରୁ ୧୨ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ୦୩.୦୫.୨୦୨୬ ରୁ ୦୯.୦୫.୨୦୨୬ ମଧ୍ୟରେ ଓଡ଼ିଶା ରାଜ୍ୟରେ ବର୍ଷା ସ୍ୱାଭାବିକ ଠାରୁ କମ୍, ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ସ୍ୱାଭାବିକଠାରୁ ଅଧିକ ଓ ସ୍ୱାଭାବିକ ରହିବ ବୋଲି ଆଶା କରାଯାଉଛି ।
- ଆଗାମୀ ସପ୍ତାହରେ ଦିନରେ ଉଷ୍ମ ପାଗ ଏବଂ ଅପରାହ୍ନ / ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଅଛି, ତେଣୁ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ସେମାନଙ୍କର ଅମଳ କରାଯାଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ, ଯଦି ଆବଶ୍ୟକ ନହୁଏ ତେବେ ଜଳସେଚନ ଏବଂ ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ଏବଂ ଠିଆ ଫସଲ କ୍ଷେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।
- ପ୍ରଚଳିତ ତାପମାତ୍ରାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ପଶୁଶାଳାରେ ଥଣ୍ଡା ପାନୀୟ ଜଳ ଏବଂ ଉପଯୁକ୍ତ ବାୟୁଚଳପ୍ରଚଳର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ଓ ସକାଳ ୧୧ଟା ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରେ ଚରିବାକୁ ଛାଡନ୍ତୁ ନାହିଁ ।

## ସଂକ୍ଷିପ୍ତ ଉପଦେଶ

- ଆସନ୍ତା ଦିନରେ ଉଷ୍ମ ଲହରୀ ବା ଝାଞ୍ଜି ପବନ ସହିତ ସନ୍ଧ୍ୟା କିମ୍ବା ଦିପହର ସମୟରେ ବିଜୁଳି ଘଡଘଡି ସହ ଝଡ଼ ବର୍ଷା ହେବାର ମଧ ସମ୍ଭାବନା ଅଛି ତା ସେହି ଅନୁସାରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ଥୋଡ଼ ବିକାସ ଅବସ୍ଥା/ ଫୁଲ / ଦୁଗ୍ଧ ଅବସ୍ଥା | • ପ୍ରଚଳିତ ତାପମାତ୍ରା ଏବଂ ପରେ ମଝିରେ ମଝିରେ ମେଘୁଆ ପାଗ ଯୋଗୁଁ ଚକଡା ପୋକର ଆକ୍ରମଣ ଦେଖିବାକୁ ମିଳିପାରେ ତେଣୁ, ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଖେତରେ ଚକଡା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବାକୁ ଯଦି ସମ୍ଭବ ହୁଏ, ତେବେ ସିଞ୍ଚନ ପଦ୍ଧତିର ବିକଳ୍ପ ଓଦା ଏବଂ ଶୁଖା ପଦ୍ଧତି ବ୍ୟବହାର କରନ୍ତୁ ଏବଂ ନାଇଟ୍ରୋଜେନ୍ ସାରର ଅତ୍ୟଧିକ ବ୍ୟବହାରକୁ ଏଡାନ୍ତୁ ।<br>• ଯଦି ସମସ୍ୟା ତଥାପି ମଧ ଲାଗିରୁହେ, ତେବେ ପାଗ ଥିବାବେଳେ ଆଜାଡିରାକ୍ଟିନ୍ ୦.୧୫ % ନିମ ବିହନ କର୍ଣ୍ଣେଲ ଫର୍ମୁଲେସନ୍ @ ୪ ମିଲି କିମ୍ବା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. @ ୦.୫ ମିଲି କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. @ ୦.୬ ଗ୍ରାମ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି. @ ୦.୪ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. @ ୦.୨୫ ମିଲି କିମ୍ବା ଆସିଫେଟ୍ ୭୫% ଏସ୍.ପି. @ ୨ ଗ୍ରାମକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମୁଗ/ବିରି | ଛୁଇଁ ବାହାରିବା ଅବସ୍ଥା | • ଯଦି ଫଳ ବିନ୍ଧାକାରୀ ପୋକର ଆକ୍ରମଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି. @ ୦.୪ ଗ୍ରାମ କିମ୍ବା ସ୍ପିନୋସାଡ୍ ୪୫ ଏସ୍.ସି. @ ୦.୪ ମିଲି କିମ୍ବା ଇଣ୍ଡୋକ୍ସାକାର୍ବ ୧୪.୫ ଏସ୍.ସି. @ ୦.୫ ମିଲିକୁ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଭଲ ଫଳାଫଳ ପାଇଁ, ସନ୍ଧ୍ୟା ସମୟରେ ପ୍ରାରମ୍ଭିକ ଲାର୍ଭା ପର୍ଯ୍ୟାୟରେ ସିଞ୍ଚନ କରିବା ଉଚିତ ଏବଂ ସମାନ କୀଟନାଶକର ବାରମ୍ବାର ବ୍ୟବହାର ଏଡାଇବା ଉଚିତ । |
| ଭେଣ୍ଡି | ଫୁଲ, ଫଳ ଓ ପରିପକ୍ୱ ଅବସ୍ଥା | • ଭେଣ୍ଡି ଗଛରେ ଫଳ ଓ କାଣ୍ଡ ବିନ୍ଧା ପୋକର ପ୍ରଭାବଶାଳୀ ତଦାରଖ ଏବଂ ନିୟନ୍ତ୍ରଣ ପାଇଁ ପ୍ରତି ଏକର ପାଇଁ ୪ ରୁ ୫ ଫେରୋମୋନ ଫାଶ ବ୍ୟବହାର କରନ୍ତୁ । ବୟସ୍କ ପୋକଙ୍କୁ ଆକର୍ଷିତ ଏବଂ ମାରିବା ପାଇଁ ଆଲୋକ ଫାଶ ବ୍ୟବହାର କରନ୍ତୁ ।<br>• ଗୁରୁତର ଆକ୍ରମଣ କ୍ଷେତ୍ରରେ, ସଫା ପାଗରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି. @ ୦.୪ ଗ୍ରାମ କିମ୍ବା ସ୍ପିନୋସାଡ୍ ୪୫ ଏସ୍.ସି. @ ୦.୪ ମିଲି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. @ ୦.୩ ମିଲିକୁ ପ୍ରତି ଲିଟର୍ ପାଣିରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ ।<br>• ଯଦି ସମ୍ଭବ ହୁଏ ଫୁଲ ଅବସ୍ଥାରେ ରସାୟନିକ ଔଷଧର ବ୍ୟବହାରରୁ ଦୁରେଇ ରୁହନ୍ତୁ ଓ ଫସଲ ଅମଳ କରିବାର ଅତି କମରେ ୩ ରୁ ୫ ଦିନ ପୂର୍ବରୁ କୌଣସି କୀଟନାଶକ ସିଞ୍ଚନ କରନ୍ତୁ ନାହିଁ ।<br>• ବର୍ଷା କିମ୍ବା ପବନର ଦ୍ରୁତ ଗତି ଯୋଗୁଁ ଅଧିକ କ୍ଷତି ଏଡାଇବା ପାଇଁ ପରିପକ୍ୱ ଫସଲକୁ ଯଥାଶୀଘ୍ର ଅମଳ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପିଜୁଳି | ଫୁଲ ଓ ଫଳ ବାହାରିବା ଅବସ୍ଥା | • ପ୍ରଚଳିତ ତାପମାତ୍ରାର ସ୍ଥିତି ଯୋହୁଁ ପିଜୁଳିରେ ଫୁଲ ଏବଂ ଫଳ ଝଡ଼ିପାରେ, ତେଣୁ ଆବଶ୍ୟକତା ଭିତ୍ତିକ ଜଳସେଚନ ପ୍ରୟୋଗ କରି କ୍ଷେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି । ଅତି ଜରୁରୀ ନ ହେଲେ ଚାଷୀଭାଇମାନେ ଗଛକୁ ଜଳସେଚନ କରିବା ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ ମଧ କିଛି ପରିମାଣରେ ବର୍ଷା ହେବାର ସମ୍ଭାବନା ଅଛି ।<br>• ଚାଷୀଭାଇମାନେ ଦହିଆ ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକର ଆକ୍ରମଣ ପାଇଁ ଅନୁକୁଳ ଅଟେ । ଯଦି ଆକ୍ରମଣ ଦେଖାଯାଏ, ତେବେ ସ୍ୱଚ୍ଛ ଏବଂ ଶାନ୍ତ ପାଗରେ ପ୍ରତି ଲିଟର ପାଣିରେ ଥାଇମିଥୋକ୍ସାମ୍ ୨୫% ଡବ୍ଲୁ.ଜି. @ ୦.୬ ଗ୍ରାମ୍ କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୪.୯ ସି.ଏସ୍. @ ୧ ରୁ ୧.୨୫ ମିଲି ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ଦିନର ପ୍ରଚଳିତ ତାପମାତ୍ରା ସହିତ ସାମୟିକ ମେଘୁଆ ପରିସ୍ଥିତି ଯୋଗୁଁ, କାକୁଡି ବା କଖାରୁଜାତୀୟ ଫସଲ ଚାପର ସମ୍ମୁଖୀନ ହୋଇପାରେ ଯାହା ଫୁଲ ଫୁଟିବା, ଫଳ ସ୍ଥିର ହେବା ଏବଂ ରୋଗ ଆକ୍ରମଣକୁ ପ୍ରଭାବିତ କରିପାରେ । ତେଣୁ ଚାଷୀଭାଇମାନେ କ୍ଷେତରେ ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ ।<br>• ଯଦି ଆବଶ୍ୟକ ନ ପଡ଼େ, ତେବେ ଚାଷୀମାନେ ଜଳସେଚନ ଏବଂ ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ କିଛି ଅଞ୍ଚଳରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । |

| | | |
|---|---|---|
| | | • ପରିପକ୍ୱ ଫସଲକୁ ସୁରକ୍ଷିତ ଜାଗାରେ ରଖିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆଗକୁ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଅଛି ।<br>• ବର୍ଷା ହେବା ପୂର୍ବରୁ ଯଥାଶୀଘ୍ର ପରିପକ୍ୱ ଫସଲ ଅମଳ କରିନେବାକୁ ପରାମର୍ଶ ଦିଆଯାଉଛି ।<br>• କୀଟପତଙ୍ଗ ଏବଂ ରୋଗ ଆକ୍ରମଣ ବିରୁଦ୍ଧରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁ ପାଳନ | • ପ୍ରଚଳିତ ତାପମାତ୍ରାର ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଦିନ ୧୨ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କାମ ପାଇଁ ପଶୁମାନଙ୍କୁ ବ୍ୟବହାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଖୋଲା ସ୍ଥାନରେ ସେମାନଙ୍କୁ ବାନ୍ଧିକି ନ ଛାଡ଼ନ୍ତୁ । ଗର୍ଭବତୀ ପଶୁ (୬ ମାସରୁ ଅଧିକ)ଙ୍କୁ ଅତିରିକ୍ତ ଖାଦ୍ୟ ଦିଆଯିବା ଉଚିତ । ପଶୁମାନଙ୍କ ଗୁହାଳ ଏବଂ ଅନ୍ୟ ସ୍ଥାନଗୁଡ଼ିକ ଭିତରକୁ ଯେମିତି ସିଧାସଳଖ ସୂର୍ଯ୍ୟ କିରଣ ନ ପଶୁ ତା'ର ଉଚିତ ବ୍ୟବସ୍ଥା କରନ୍ତୁ । ପଶୁମାନଙ୍କୁ ନିୟମିତ ତାଜା ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ଅତ୍ୟଧିକ ଗରମ ସମୟରେ, ପାଣି ସିଞ୍ଚନ କରନ୍ତୁ ଏବଂ ଗୋରୁମାନଙ୍କୁ ଥଣ୍ଡା କରିବା ପାଇଁ ଜଳାଶୟକୁ ନେଇଯାଆନ୍ତୁ ।<br>• ବିଜୁଳି ଘଡଘଡି ସମୟରେ ପଶୁମାନଙ୍କୁ ବାହାରେ ରଖନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।